# NATIONAL NEWS BULLETIN (ODIA)

**2 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଞ୍ଚମ ଦିନ ପାଇଁ କୌଣସି କାର୍ଯ୍ୟ ସମ୍ଭବ ନହେବାରୁ ଆଜି ସଂସଦର ଉଭୟ ଗୃହ ଦିନକ ପାଇଁ ମୁଲତବୀ।

- ଆସନ୍ତା ୧୦ବର୍ଷ ମଧ୍ୟରେ ଭାରତୀୟ ନୌସେନାରେ ୯୬ଟି ଜାହାଜ ଓ ବୁଡାଜାହାଜ ସାମିଲ କରାଯିବ- କହିଲେ ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠୀ ।

- ରିଆଦଠାରେ ଆଜିଠାରୁ ଆରମ୍ଭ ହେଲା କପ୍-୧୬ ।

- ଶ୍ରୀଲଙ୍କାରେ ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକର ନିର୍ବାଚନ ସୂଚୀ ବିଳମ୍ବରେ ଘୋଷଣା କରିବା ଲାଗି ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତି ।

ଏବଂ

- ଜୁନିୟର ଏସିଆକପ୍ ହକି ପ୍ରତିଯୋଗିତାରେ ଭାରତ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ।

# ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ

ସଂସଦର ଉଭୟ ସଦନରେ ଆଜି ପଞ୍ଚମ ଦିନ ଲାଗି କୌଣସି କାର୍ଯ୍ୟ ସମ୍ଭବ ନହେବାରୁ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଏକ ବ୍ୟବସାୟିକ ଗୋଷ୍ଠୀ ଲାଞ୍ଚ ଦେବା ପ୍ରସଙ୍ଗ ଏବଂ ଅନ୍ୟାନ୍ୟ କେତେକ ପ୍ରସଙ୍ଗକୁ ନେଇ ଉଭୟ ଗୃହରେ ହଟ୍ଟଗୋଳ ଯୋଗୁଁ ମୁଲତବୀ ଘୋଷଣା କରାଯାଇଛି ।

ଆଜି ସକାଳେ ଲୋକସଭାରେ ହଟ୍ଟଗୋଳ ହେବା ଯୋଗୁଁ ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା । ପରେ ପୁଣି ଅଧିବେଶନ ଆରମ୍ଭ ହେବା କ୍ଷଣି କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ ଏବଂ ଅନ୍ୟାନ୍ୟ ବିରୋଧୀ ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଇଥିଲେ । ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ କୋଷ୍ଟାଲ ସିପିଙ୍ଗ ବିଲ୍-୨୦୨୪ ଆଗତ କରିଥିଲେ । ଅନ୍ୟପକ୍ଷରେ ବିରୋଧୀଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ନୋଟିସକୁ ବାଚସ୍ପତି ପ୍ରତ୍ୟାଖାନ କରିଥିଲେ । ବାଚସ୍ପତି ବାରମ୍ବର ଗୃହକାର୍ଯ୍ୟରେ ସହଯୋଗ କରିବା ଲାଗି ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ଦଳଗୁଡ଼ିକ ସେଥିପ୍ରତି ଧ୍ୟାନ ଦେଇନଥିଲେ ।

ପରେ ଗୃହକୁ ଆଜି ଦିନକ ପାଇଁ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ । ଲୋକସଭାରେ ଆଜି ପ୍ରଥମାର୍ଦ୍ଧରେ ସମ୍ଭଲ ହିଂସାକାଣ୍ଡ ଘଟଣା, ମଣିପୁର ପରିସ୍ଥିତି ଏବଂ ଲାଞ୍ଚ କାରବାର ନେଇ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ଆଲୋଚନା ପାଇଁ ଦାବି କରାଯାଇଥିଲା ।

ପ୍ରଥମାର୍ଦ୍ଧରେ ହଟ୍ଟଗୋଳକୁ ଦୃଷ୍ଟିରେ ରାଜ୍ୟସଭାକୁ ମଧ୍ୟ ମଧ୍ୟାହ୍ନ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ୧୨ଟା ପରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ । କଂଗ୍ରେସ, ସମାଜବାଦୀ ପାର୍ଟି, ଆମ୍ ଆଦ୍‌ମୀ ପାର୍ଟି, ଡିଏମ୍‌କେ ଏବଂ ଅନ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ । ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନକାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା । ପରେ ସେ ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଲୋକସଭା ଭଳି ରାଜ୍ୟସଭାରେ ମଧ୍ୟ ବିରୋଧୀଦଳ ଗୁଡ଼ିକ ମଧ୍ୟରୁ ମୁଲତବୀ ନୋଟିସ ଦିଆଯାଇଥିଲା । ତେବେ ଅଧ୍ୟକ୍ଷ ତାହାକୁ ପ୍ରତ୍ୟାଖାନ କରିଥିଲେ ।

## ଗିରିରାଜ-ସଂସଦ

ସଂସଦରେ ବିରୋଧୀମାନେ ଅଚଳାବସ୍ଥା ସୃଷ୍ଟି କରୁଥିବାରୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ସେମାନଙ୍କୁ ସମାଲୋଚନା କରିଛନ୍ତି । ସଂସଦ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି କଂଗ୍ରେସ ଓ ଅନ୍ୟାନ୍ୟ ବିରୋଧୀଦଳ ଗୁଡ଼ିକର ଗଣତନ୍ତ୍ରପ୍ରତି ବିଶ୍ୱାସ ନାହିଁ । ସଂସଦକୁ ଅଚଳାବସ୍ଥାରେ ରଖିବା ଜନସାଧାରଣଙ୍କ ଅର୍ଥକୁ ନଷ୍ଟ କରାଯାଉଛି ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ମନୀଷ ତିୱାରୀ ପ୍ରମୁଖ ବ୍ୟବସାୟୀଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ସମେତ ଅନ୍ୟାନ୍ୟ ବିଷୟରେ ବିରୋଧୀଦଳଗୁଡ଼ିକ ମୁଲତବୀ ଆଣିବା ଲାଗି ଦେଇଥିବା ନୋଟିସକୁ ସରକାର ଗ୍ରହଣ କରିବା ଉଚିତ୍; କିନ୍ତୁ କେନ୍ଦ୍ର ସରକାର ଏହିସବୁ ପ୍ରସଙ୍ଗ

ଉପରେ ଆଲୋଚନା କରିବା ଲାଗି ଜାଣିଶୁଣି ଅନୁମତି ଦେଉନାହାନ୍ତି ବୋଲି ଶ୍ରୀ ତିୱାରୀ ଅଭିଯୋଗ କରିଛନ୍ତି ।

## ଶ୍ରୀଲଙ୍କା ଇଲେକ୍ସନ

ଶ୍ରୀଲଙ୍କାରେ ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକର ନିର୍ବାଚନ ସୂଚୀ ବିଳମ୍ବରେ ଘୋଷଣା କରିବା ଲାଗି ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଛନ୍ତି । ଶ୍ରୀଲଙ୍କାରେ ସାମୁଦ୍ରିକ ଝଡ଼ ଫେଞ୍ଜାଲ ଯୋଗୁଁ ଖରାପ ପାଣିପାଗକୁ ଦୃଷ୍ଟିରେ ରଖି ଚଳିତମାସ ପ୍ରଥମାର୍ଦ୍ଧରେ ପରୀକ୍ଷା ହେବାକୁ ଥିବାରୁ ନିର୍ବାଚନ ସୂଚୀ ପରୀକ୍ଷା ପରେ ପ୍ରକାଶ କରାଯିବ ।

ନିର୍ବାଚନ କମିଶନଙ୍କ ଏହି ନିଷ୍ପତ୍ତି ସମ୍ପର୍କରେ ବିଚାରବିମର୍ଷ ଲାଗି ଆସନ୍ତାକାଲି ସଂସଦୀୟ ନେତା ବିମଲ ରତ୍ନାୟକେଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ବସିବ । ରାଜନୈତିକ ଦଳ ଗୁଡ଼ିକ କେତେକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଇତିମଧ୍ୟରେ ପ୍ରତ୍ୟାଖାନ କରିଥିବା ଜଣାପଡିଛି । କେତେଜଣ ପ୍ରାର୍ଥୀ ଦଳବଦଳ କରିଥିବାବେଳେ ଅନ୍ୟ କେତେଜଣ ଦେଶଛାଡି ବାହାରକୁ ଯାଇଛନ୍ତି ଏବଂ ଅନ୍ୟମାନେ ଆଉ ରାଜନୀତିରେ ସଂଶ୍ଳିଷ୍ଟ ନାହାନ୍ତି । ନିର୍ବାଚନ ଆୟୋଗ ଚଳିତ ସପ୍ତାହର ଶେଷଆଡକୁ ନିର୍ବାଚନ ତାରିଖ ଘୋଷଣା କରିବାର ସମ୍ଭାବନା ରହିଛି ।

ଶ୍ରୀଲଙ୍କାର ୩୪୦ଟି ସାଧାରଣ ପରିଷଦ ପାଇଁ ୨୦୨୨ ମାର୍ଚ୍ଚରୁ ଆର୍ଥିକ ସଙ୍କଟ ଦୃଷ୍ଟିରୁ ନିର୍ବାଚନ ବନ୍ଦ ରହିଛି । ଚଳିତବର୍ଷ ଅଗଷ୍ଟ ମାସରେ ସେଠାକାର ସୁପ୍ରିମକୋର୍ଟ ଶୀଘ୍ର ନିର୍ବାଚନ କରାଇବାକୁ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

# ପ୍ରେଜ୍ ଆୱାର୍ଡସ

ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଭିନ୍ନକ୍ଷମ ସଶକ୍ତିକରଣ ଜାତୀୟ ପୁରସ୍କାର ପ୍ରଦାନ କରିବେ । ଏ ସମ୍ପର୍କରେ ସୂଚନା ଦେଇ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର କୁମାର କହିଛନ୍ତି ମୋଟ୍ ୨୨ଜଣ ବ୍ୟକ୍ତି ଏବଂ ୧୧ଟି ଅନୁଷ୍ଠାନକୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି । ସର୍ବଶ୍ରେଷ୍ଠ ଦିବ୍ୟାଙ୍ଗଜନ ୨୦୨୪ ବର୍ଗରେ ବ୍ୟକ୍ତିଗତ ଉଲ୍ଲେଖନୀୟ ସଫଳତା ପାଇଁ ଅମର ଜୈନଙ୍କୁ ପୁରସ୍କୃତ କରାଯିବ । ଏହି ଅବସରରେ ରାଷ୍ଟ୍ରପତି ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ମନ୍ତ୍ରୀ ଡକ୍ଟର କୁମାର ସୂଚନା ଦେଇଛନ୍ତି ।

# ରିଆଦ-କପ୍୧୬

ମରୁଭୂମିରେ ପରିଣତ ହେଉଥିବା ଭୂମିକୁ ରକ୍ଷା କରିବା ଲାଗି ବିଶ୍ୱର ସର୍ବବୃହତ୍ ଜାତିସଂଘ ସମ୍ମିଳନୀ ଆଜିଠାରୁ ରିଆଦଠାରେ ଆରମ୍ଭ ହୋଇଛି । ଏଥିରେ ବିଶ୍ୱନେତା, ନୀତି ନିର୍ଦ୍ଧାରକ ଏବଂ ପରିବେଶ ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି । ଏହା ଆଜିଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ରହିଛି ଭୂମି ପୁନରୁର୍ଦ୍ଧାର ଏବଂ ମରୁଡି ମୁକାବିଲା ଦିଗରେ କାର୍ଯ୍ୟ କରିବା । ପ୍ରାରମ୍ଭିକ ଦିବସରେ ରିଆଦ ଗ୍ଲୋବାଲ ଡ୍ରାଉଟ୍ ରିଜିଲିଏନ୍ସ ଇନିସିଏଟିଭର ଶୁଭାରମ୍ଭ କରାଯାଇଛି । ଏହି ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ମାଧ୍ୟମରେ ରାଷ୍ଟ୍ରଗୁଡ଼ିକ ସାମୁହିକ ଭାବେ ମରୁଡ଼ିର ମୁକାବିଲା ଦିଗରେ କାର୍ଯ୍ୟ କରିବ । ଆଜି ଓ ଆସନ୍ତାକାଲି ସାଉଦି ଗ୍ରୀନ୍ ଇନିସିଏଟିଭ ଫୋରମରେ ଅନ୍ତର୍ଜାତୀୟ ସ୍ତରୀୟ

ବିଶେଷଜ୍ଞ ଓ ଶିଳ୍ପପତିମାନେ ଭାଗ ନେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । କପ୍‌-୧୬ ଗ୍ରୀନ୍ ଜୋନ୍ ନାମରେ ହେଉଥିବା ଏହି ସମ୍ମିଳନୀରେ ୧୯୭ଟି ଦେଶର ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି । ଭାରତର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନିଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ବନୀକରଣ, ଜୈବ ବିବିଧତା ସଂରକ୍ଷଣ, ଉନ୍ନତ ଜଳ ପରିଚାଳନା ସଂକ୍ରାନ୍ତ ରଣନୀତି, ମରୁଡି ମୁକାବିଲା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ଜଣାପଡିଛି ।

---

# ନାଭାଲ ଚିଫ୍ ନ୍ୟାଭି ଡେ

ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠୀ କହିଛନ୍ତି ଆସନ୍ତା ୧୦ବର୍ଷ ମଧ୍ୟରେ ଭାରତୀୟ ନୌସେନାରେ ୯୬ଟି ଜାହାଜ ଓ ବୁଡାଜାହାଜ ସାମିଲ କରାଯିବ । ସେ କହିଛନ୍ତି ୬୨ଟି ଜାହାଜ ଓ ଗୋଟିଏ ବୁଡାଜାହାଜର ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ଆସନ୍ତାବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ ଗୋଟିଏ ଲେଖାଏଁ ଜାହାଜ ନୌସେନାରେ ସାମିଲ କରାଯିବ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଆଡମିରାଲ ତ୍ରିପାଠୀ କହିଛନ୍ତି ଆସନ୍ତା ୪ ତାରିଖରେ ପୁରୀରେ ନୌସେନା ଦିବସ ପାଳନ କରାଯିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବେ ।

ପାକିସ୍ତାନ ନୌସେନାର ସାମର୍ଥ୍ୟ ବୃଦ୍ଧି ପାଉଥିବା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଆଡମିରାଲ ତ୍ରିପାଠୀ କହିଛନ୍ତି ପାକିସ୍ତାନର ଅନେକ ଗୁଡ଼ିଏ ଯୁଦ୍ଧ ପୋତ ଏବଂ ବୁଡ଼ାଜାହାଜ ଚୀନ ସହାୟତାରେ ନିର୍ମାଣ କରାଯାଉଛି ଏବଂ ପାକିସ୍ତାନ ନୌସେନାକୁ ଅଧିକ ଦୃଢ଼ କରିବାକୁ ଚୀନ ଆଗ୍ରହ ପ୍ରକାଶ

କରୁଛି । ସେ କହିଛନ୍ତି ପଡୋଶୀ ଦେଶଗୁଡ଼ିକରୁ ଯେକୌଣସି ପ୍ରକାରର ଆକ୍ରମଣର ମୁକାବିଲା କରିବା ଲାଗି ଭାରତୀୟ ନୌସେନାର ସାମର୍ଥ୍ୟ ରହିଛି । ପରମାଣୁସମ୍ପନ୍ନ କ୍ଷେପଣାସ୍ତ୍ର ପରୀକ୍ଷଣ ସମ୍ପର୍କରେ ସେ କହିଛନ୍ତି ଆଇଏନ୍‌ଏସ୍ ଆରିଘାତରୁ ସଫଳତାର ସହିତ କ୍ଷେପଣାସ୍ତ୍ର ପରୀକ୍ଷଣ ହୋଇଛି ।

## କଲକାତା ଓଥ

ପଶ୍ଚିମବଙ୍ଗ ବିଧାନସଭାର ନବନିର୍ବାଚିତ ୬ଜଣ ସଦସ୍ୟଙ୍କୁ ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦବୋଷ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ବିଧାନସଭାରେ ଅନୁଷ୍ଠିତ ଶପଥଗ୍ରହଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉପସ୍ଥିତ ଥିଲେ । କିଛିଦିନ ତଳେ ଶେଷ ହୋଇଥିବା ଉପ ନିର୍ବାଚନରେ ଏହି ୬ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି । ସମ୍ପୃକ୍ତ ୬ଜଣ ସଦସ୍ୟ ତୃଣମୂଳ କଂଗ୍ରେସର ଅଟନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ମାନସିକ ସ୍ୱାସ୍ଥ୍ୟ ପ୍ରସଙ୍ଗ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଅଖିଳ ଭାରତୀୟ ଭେଷଜ ପ୍ରତିଷ୍ଠାନ-ଏମ୍‌ସର ମାନସିକ ବିଭାଗ ପ୍ରଫେସର ଡକ୍ଟର ରାଜେଶ ସାଗର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ

ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଗୋୟଲ ୟୁଥ୍

ଭବିଷ୍ୟତର ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବାଲାଗି ଯୁବବର୍ଗଙ୍କୁ ଶିକ୍ଷା ସହ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଉପରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ଗୁରୁତ୍ୱ ଦେଇଛନ୍ତି । ନୂଆଦିଲ୍ଲୀଠାରେ ଆଜି ଭାରତୀୟ ଶିଳ୍ପ ମହାସଂଘ-ସିଆଇଆଇର ୨୯ତମ ସହଭାଗିତା ସମ୍ମିଳନୀ ୨୦୨୪ରେ ଉଦ୍‌ବୋଧନ ଦେଲାବେଳେ ସେ କହିଛନ୍ତି ଭାରତ ତା'ର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ଦେଶର ପ୍ରଗତି ଦିଗରେ ଧାବମାନ ରହିବା ଗର୍ବର ବିଷୟ ।

ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି ଯେ ପରିବେଶକୁ ଗ୍ଲୋବାଲ ସାଉଥ୍ କିମ୍ବା କମ୍ ବିକଶିତ ଦେଶଗୁଡ଼ିକ ନଷ୍ଟ କରୁନାହାନ୍ତି । ତେଣୁ ପ୍ରତ୍ୟେକ ଦେଶ ନିରନ୍ତରତା, ଉଦ୍ୟମ, ଯୋଗାଣ ଶୃଙ୍ଖଳ ଏବଂ ସ୍ଥାୟୀ ନୀତି ଆପଣାଇଲେ ଜଳବାୟୁ ପରିବର୍ତ୍ତନ ଦିଗରେ ସକରାତ୍ମକ ପରିବର୍ତ୍ତନ ଆସିପାରିବ ବୋଲି ମନ୍ତ୍ରୀ ଶ୍ରୀ ଗୋଏଲ ଆଶାବ୍ୟକ୍ତ କରିଛନ୍ତି ।

## ହକି-ଜୁନିୟର ଏସିଆ କପ୍

ଜୁନିୟର ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଆସନ୍ତାକାଲି ସେମିଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଓମାନର ମସ୍କଟଠାରେ ଚାଲିଥିବା ଏହି ପ୍ରତିଯୋଗିତାର

ଗ୍ରୁପ୍-ଏ ପର୍ଯ୍ୟାୟ ମ୍ୟାଚ୍‌ରେ ଗତକାଲି ଭାରତ’ ଦକ୍ଷିଣ କୋରିଆକୁ ୮-୧ ଗୋଲ୍‌ରେ ପରାସ୍ତ କରିଛି । ଭାରତ ପକ୍ଷରୁ ଅର୍ସଦୀପ ସିଂହ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ ।